# NATIONAL NEWS BULLETIN (ODIA)

**5 October - 2024**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ମହାରାଷ୍ଟ୍ରର ୱାସିମ୍‌ସ୍ଥିତ ପୋହରଦେବୀଠାରେ ବନ୍‌ଜାରା ବିରାସତ ସଂଗ୍ରହାଳୟର ଉଦ୍‌ଘାଟନ କଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ହରିଆଣା ବିଧାନସଭା ଲାଗି ଚାଲିଛି ମତ ଗ୍ରହଣ ।

- ଛତିଶଗଡ଼ର ସୁରକ୍ଷାକର୍ମୀଙ୍କ ସହ ଗୁଳିବିନିମୟ ଘଟଣାରେ ମାଓବାଦୀଙ୍କ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି

- ୟେମେନ୍‌ର ହୁତି ନିୟନ୍ତ୍ରିତ ଅଞ୍ଚଳ ଗୁଡ଼ିକ ଉପରେ ଆମେରିକା ଓ ବ୍ରିଟିଶ ମିଳିତ ସାମରିକ ବାହିନୀ ପକ୍ଷରୁ ଆକ୍ରମଣ

ଏବଂ

- ଆଇସିସି ମହିଳା ଟି-୨୦ ବିଶ୍ୱକପ୍ କ୍ରିକେଟ୍ ପ୍ରତିଯୋଗିତାର ଗ୍ରୁପ୍-ଏ ର ମୁକାବିଲା ଅପରାହ୍ନ ସାଢ଼େ ୩ଟାରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ହେବ

---

## ପିଏମ୍-ମହାରାଷ୍ଟ୍ର

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାରାଷ୍ଟ୍ରର ୱାସିମ୍‌ସ୍ଥିତ ପୋହରଦେବୀ ଠାରେ ବନ୍‌ଜାରା ବିରାସତ୍ ସଂଗ୍ରହାଳୟର ଉଦ୍‌ଘାଟନ କରିଛନ୍ତି । ୪ ମହଲା ବିଶିଷ୍ଟ ଏହି ସଂଗ୍ରହାଳୟରେ ୧୩ଟି ଗ୍ୟାଲେରି

ରହିଛି । ଏଥିରେ ବନ୍‌ଜାର ସଂପ୍ରଦାୟର ନେତା ଏବଂ ଆନ୍ଦୋଳନର ଚିତ୍ର ପ୍ରଦର୍ଶନ କରାଯାଇଛି । ଦିନିକିଆ ମହାରାଷ୍ଟ୍ର ଗସ୍ତରେ ଯାଇ ପ୍ରଧାନମନ୍ତ୍ରୀ ୱାସିମ୍‌ରେ ପହଞ୍ଚିବା ପରେ ସନ୍ଥ ସେବାଲାଲ ମହାରାଜ ଏବଂ ସନ୍ଥ ରାମ ରାଓ ମହାରାଜଙ୍କ ସ୍ମାରକୀୟ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ଦୁଇ ସନ୍ଥ ହେଉଛନ୍ତି ବନ୍‌ଜାରା ସଂପ୍ରଦାୟର ଆଧ୍ୟାତ୍ମିକ ଗୁରୁ । ଗସ୍ତ ଅବସରରେ ପ୍ରଧାନମନ୍ତ୍ରୀ ପୋହରାଦେବୀସ୍ଥିତ ଜଗଦମ୍ବା ମନ୍ଦିରରେ ଦର୍ଶନ ଏବଂ ପୂଜାର୍ଚ୍ଚନା କରିଥିଲେ । ମହାରାଷ୍ଟ୍ର ଗସ୍ତ କାଳରେ ପ୍ରଧାନମନ୍ତ୍ରୀ ୱାସିମ୍‌ଠାରେ ଏକ ଜନସମାବେଶକୁ ସମ୍ବୋଧନ କରିବା ସହ ୨୩ ହଜାର ୩୦୦ କୋଟି ଟଙ୍କାର କୃଷି ଏବଂ ପଶୁପାଳନ କ୍ଷେତ୍ର ସହ ଜଡ଼ିତ ବିଭିନ୍ନ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ କୃଷିମନ୍ତ୍ରୀ ଶିବରାଜ ସିଂ ଚୌହାନ, ମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ ।

ଏହି ଅବସରରେ ପ୍ରଧାନମନ୍ତ୍ରୀ ପି.ଏମ୍ କିଷାନ ସମ୍ମାନନିଧି ଯୋଜନାର ୧୮ତମ କିସ୍ତି ହିତାଧିକାରୀଙ୍କୁ ପ୍ରଦାନ କରିବାର କାର୍ଯ୍ୟସୂଚୀ ରହିଛି । ଏହାଦ୍ୱାରା ପ୍ରାୟ ୯ କୋଟି ୪୦ ଲକ୍ଷ କୃଷକ ଉପକୃତ ହେବେ । ଏହି କିସ୍ତି ଜାରି ହେବା ପରେ ପିଏମ୍ କିଷାନ ଯୋଜନା ଅଧୀନରେ କୃଷକଙ୍କୁ ପ୍ରଦାନ କରାଯାଇଥିବା ମୋଟ ପାଣ୍ଠିର ପରିମାଣ ପ୍ରାୟ ୩ ଦଶମିକ ୪/୫ ଲକ୍ଷ କୋଟି ଟଙ୍କା ହେବ । ଏତଦ୍‌ବ୍ୟତୀତ କୃଷକଙ୍କୁ ସଶକ୍ତ କରିବା ଲାଗି ସରକାରଙ୍କ ପ୍ରତିବଦ୍ଧତା ଅନୁଯାୟୀ, ପ୍ରଧାନମନ୍ତ୍ରୀ 'ନମୋ ସେତକାରୀ ମହାସମ୍ମାନ ନିଧି ଯୋଜନା'ର ପଞ୍ଚମ କିସ୍ତିର ମଧ୍ୟ ଶୁଭାରମ୍ଭ କରିବେ । ପ୍ରଧାନମନ୍ତ୍ରୀ ୭ ହଜାର ୫୦୦ରୁ ଅଧିକ କୃଷିଭିତ୍ତିକ ପ୍ରକଳ୍ପକୁ

ରାଷ୍ଟ୍ର ଉଦ୍ଦେଶ୍ୟରେ ସମର୍ପଣ କରିବେ। ୧ ହଜାର ୯୨୦ କୋଟି ଟଙ୍କାରୁ ଅଧିକ ମୂଲ୍ୟର କୃଷି ଭିତ୍ତିଭୂମି ପାଣ୍ଠି ଅଧୀନରେ ଏହି ସବୁ ପ୍ରକଳ୍ପ ନିର୍ମାଣ କରାଯାଇଛି। ସେହିଭଳି ପ୍ରାୟ ୧ ହଜାର ୩୦୦ କୋଟି ଟଙ୍କାର ମିଳିତ କାରବାର କରୁଥିବା ୯ ହଜାର ୨୦୦ କୃଷକ ଉତ୍ପାଦକ ସଂଗଠନକୁ ଶ୍ରୀ ମୋଦୀ ରାଷ୍ଟ୍ର ଉଦ୍ଦେଶ୍ୟରେ ଉତ୍ସର୍ଗ କରିବାର କାର୍ଯ୍ୟସୂଚୀ ରହିଛି ।

ଏତଦ୍‌ବ୍ୟତୀତ ପ୍ରଧାନମନ୍ତ୍ରୀ ସହରୀ ଗତିଶୀଳତାକୁ ପ୍ରୋତ୍ସାହିତ କରିବା ଲାଗି ପ୍ରମୁଖ ମେଟ୍ରୋ ଓ ସଡ଼କ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ। ସେଥିମଧ୍ୟରେ ପ୍ରାୟ ୧୩ ହଜାର ୧୨୦ କୋଟି ଟଙ୍କା ମୂଲ୍ୟର ମୁମ୍ବାଇ ମେଟ୍ରୋ ଲାଇନ୍, ୯ଟି ଅଣ୍ଡରଗ୍ରାଉଣ୍ଡ ସମେତ ୧୦ଟି ଷ୍ଟେସନ୍ ଅର୍ନ୍ତଭୁକ୍ତ। ଏହାଦ୍ୱାରା ପ୍ରାୟ ୧୨ ଲକ୍ଷରୁ ଊର୍ଦ୍ଧ୍ୱଯାତ୍ରୀ ଉପକୃତ ହୋଇପାରିବେ। ସେହିଭଳି ୧୨ ହଜାର ୨୦୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ଥାନେ ଇଣ୍ଟିଗ୍ରାମ ରିଙ୍ଗ୍ ମେଟ୍ରୋ ରେଳପ୍ରକଳ୍ପର ମଧ୍ୟ ଆଜି ଶ୍ରୀ ମୋଦୀ ଶିଳାନ୍ୟାସ କରିବେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ବି.କେ.ସି ମେଟ୍ରୋ ଷ୍ଟେସନ୍‌ରୁ ମୁମ୍ବାଇର ଆର୍.ଏ.’ ଜେ.ଭି.ଏଲ୍.ଆର୍. ପର୍ଯ୍ୟନ୍ତ ଚାଲିବାକୁ ଥିବା ମେଟ୍ରୋ ଟ୍ରେନ୍‌କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏଥିସହିତ ବି.କେ.ସି ଓ ଶାନ୍ତାକ୍ରୁଜ୍ ଷ୍ଟେସନ୍ ମଧ୍ୟରେ ଶ୍ରୀ ମୋଦୀ ମେଟ୍ରୋରେ ଯାତ୍ରା କରିବାର କାର୍ଯ୍ୟକ୍ରମ ରହିଛି।

ଏତଦ୍‌ବ୍ୟତୀତ ୨ହଜାର ୫୫୦ କୋଟି ଟଙ୍କା ବ୍ୟୟରେ ହେବାକୁ ଥିବା **NAVI Mumbai Airport influence notified area** ପ୍ରକଳ୍ପର ପ୍ରଥମ ପର୍ଯ୍ୟାୟ ଲାଗି ଶିଳାନ୍ୟାସ କରିବେ। ଏହି ଗସ୍ତ ଅବସରରେ

ପ୍ରଧାନମନ୍ତ୍ରୀ ନୂତନ ଭାବେ ପ୍ରତିଷ୍ଠା ହେବାକୁ ଥିବା ଥାନେ ପୌର ମହାନିଗମ ଲାଗି ଶିଳାନ୍ୟାସ କରିବେ। ଏଥିଲାଗି ପ୍ରାୟ ୭୦୦ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି।

## ହରିୟାଣା– ଆସେମ୍ବ୍ଲି ପୋଲ୍ସ ଭୋଟିଂ

ହରିୟାଣା ବିଧାନସଭା ଭୋଟ୍ ଗ୍ରହଣ ଚାଲିଛି । ପୂର୍ବାହ୍ନ ୧୧ଟା ସୁଦ୍ଧା ୨୨ ଦଶମିକ ୭ ପ୍ରତିଶତ ମତଦାନ ହୋଇଥିବା ରେକର୍ଡ କରାଯାଇଛି ।  ୯୦ଟି ବିଧାନସଭା ମଣ୍ଡଳୀ ପାଇଁ ଏକକ ପର୍ଯ୍ୟାୟରେ ଚାଲିଥିବା ମତଗ୍ରହଣ  ସନ୍ଧ୍ୟା ୬ଟାରେ ଶେଷହେବ । ୨ କୋଟି ୩ ଲକ୍ଷରୁ ଅଧିକ ଭୋଟର ଏହି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ୧ ହଜାର ୩୧ ଜଣ ପ୍ରାର୍ଥୀଙ୍କ ରାଜନୈତିକ ଭାଗ୍ୟ ନିର୍ଦ୍ଧାରଣ କରୁଛନ୍ତି। ଏହି ପ୍ରାର୍ଥୀଙ୍କ ମଧ୍ୟରୁ ୯୩୦ ଜଣ ପୁରୁଷ ରହିଥିବା ବେଳେ ୧୦୧ ଜଣ ମହିଳା ପ୍ରାର୍ଥୀ ରହିଛନ୍ତି। ଏଥିଲାଗି ରାଜ୍ୟବ୍ୟାପୀ ମୋଟ୍ ୨୦ ହଜାର ୬୩୨ଟି ମତଦାନ କେନ୍ଦ୍ର ସ୍ଥାପନ କରାଯାଇଛି। ନିର୍ବାଚନ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ପଙ୍କଜ ଅଗ୍ରୱାଲ କହିଛନ୍ତି, ନିର୍ବାଚନକୁ ମୁକ୍ତ, ଅବାଧ ତଥା ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ଉଦ୍ଦେଶ୍ୟରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ପ୍ରତ୍ୟେକ ମତଦାନ କେନ୍ଦ୍ରରେ ୱେବକାଷ୍ଟିଂ କରାଯାଇଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧିକରୁ ଅଧିକ ମତଦାତା ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ସାବ୍ୟସ୍ତ କରିବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ପ୍ରଥମଥର ପାଇଁ ତାଲିକାଭୁକ୍ତ ହୋଇଥିବା ଯୁବ ଭୋଟରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ଛତିଶଗଡ଼-ମାଓବାଦୀ ଡେଡ୍‌ବଡି

ଛତିଶଗଡ଼ର ନାରାୟଣପୁର ଜିଲ୍ଲା ଅନ୍ତର୍ଗତ ଅଭୁଜମାଦ ଅଞ୍ଚଳରେ ସୁରକ୍ଷାକର୍ମୀଙ୍କ ସହ ହୋଇଥିବା ଗୁଳି ବିନିମୟରେ ମାଓବାଦୀ ମୃତ୍ୟୁସଂଖ୍ୟା ୩୧କୁ ବୃଦ୍ଧି ପାଇଛି । ନାରାୟଣପୁର ଏବଂ ଦନ୍ତେଓ୍ବାଡ଼ା ଜିଲ୍ଲା ସୀମାରେ ଥିବା ନେନ୍ଦୁରୀ-ଥୁଲ୍‌ଥୁଲ୍ ଜଙ୍ଗଲରେ ମାଓବାଦୀଙ୍କ ଉପସ୍ଥିତି ନେଇ ସୂଚନା ଆଧାରରେ ସୁରକ୍ଷାବାହିନୀ ପକ୍ଷରୁ ତଲାସି ଅଭିଯାନ ଆରମ୍ଭ ହୋଇଥିଲା । ତଲାସି ବେଳେ ମାଓବାଦୀ ଏବଂ ସୁରକ୍ଷାକର୍ମୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା । ଏଥିରେ ୨୮ ଜଣ ମାଓବାଦୀ ନିହତ ହୋଇଥିଲେ । ତେବେ ସେଠାରୁ ଆଉ ୩ଜଣଙ୍କର ମୃତଦେହ ମିଳିବା ପରେ ମୃତ୍ୟୁସଂଖ୍ୟା ୩୧ରେ ପହଞ୍ଚିଛି ।  ଘଟଣାସ୍ଥଳରୁ ଅସ୍ତ୍ରଶସ୍ତ୍ର ସହ ବିଭିନ୍ନ ମାଓ ସରଞ୍ଜାମ ଜବତ କରାଯାଇଛି । ତଲାସି ଅଭିଯାନ ଏବେ ମଧ୍ୟ ସେଠାରେ ଜାରି ରହିଥିବା ଜଣାପଡ଼ିଛି ।

---

# ପାକ୍ ପ୍ରୋଟେଷ୍ଟ

ପାକିସ୍ତାନର ରାଜଧାନୀ ଇସଲାମାବାଦଠାରେ ବିକ୍ଷୋଭ ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ରାଜଧାନୀର ସୁରକ୍ଷାକୁ ସେନାକୁ ହସ୍ତାନ୍ତର କରିବାକୁ ନିଷ୍ପତ୍ତି ନେଇଛନ୍ତି । ଇସଲାମାବାଦ ଏବଂ ଏହାର ଟ୍ୱିନ୍‌ସିଟି ରାଓଲପିଣ୍ଡିରେ ଗତକାଲି ପାକିସ୍ତାନ ତେହେରିକ୍ ଏ ଇନ୍‌ସାଫ୍-ପିଟିଆଇର ସମର୍ଥକ ଏବଂ ସୁରକ୍ଷା ବାହିନୀ ମଧ୍ୟରେ ସଂଘର୍ଷକୁ ଦୃଷ୍ଟିରେ ରଖି

ସରକାର ଏହି ନିଷ୍ପତ୍ତି ନେଇଛନ୍ତି । ସେଠାରେ ଏକସପ୍ତାହ ପର୍ଯ୍ୟନ୍ତ ଏଭଳି ସ୍ଥିତି ଜାରି ରହିବ ବୋଲି ଆଶଙ୍କା କରାଯାଇଛି ।

ସୂଚନାଯୋଗ୍ୟ ଆସନ୍ତା୧୫ ଏବଂ ୧୬ ତାରିଖରେ ଇସଲାମାବାଦରେ ସାଂଘାଇ ସହଯୋଗ ସଂଗଠନ-ଏସ୍‌ସିଓ ଶିଖର ସମ୍ମିଳନୀ ଅନୁଷ୍ଠିତ ହେବ । ଏଥିରେ ଯୋଗଦେବାକୁ ବୈଦେଶିକମନ୍ତ୍ରୀ ଡକ୍ଟର ଏସ୍.ଜୟଶଙ୍କର ଇସଲାମାବାଦ ଗସ୍ତ କରିବେ । ଦିଲ୍ଲୀରେ ଗତକାଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ ଏହି ସୂଚନା ଦେଇଛନ୍ତି ।

## ଏନ୍‌ଆଇଏ-ଜେଇଏମ୍ ସର୍ଚ୍ଚ

ଜୈସ୍-ଏ-ମହମ୍ମଦ ଆତଙ୍କବାଦୀ ଗୋଷ୍ଠୀ ସହ ଜଡ଼ିତ ଥିବା ଅଭିଯୋଗ ନେଇ ଜାତୀୟ ତଦନ୍ତକାରୀ ସଂସ୍ଥା-ଏନ୍‌ଆଇଏ ପକ୍ଷରୁ ଆଜି ୨୨ଟି ଅଞ୍ଚଳରେ ଚଢ଼ାଉ କରାଯାଇଛି । ଜାମ୍ମୁ କାଶ୍ମୀର, ଉତ୍ତରପ୍ରଦେଶ, ଆସାମ ଏବଂ ଦିଲ୍ଲୀ ଅନ୍ତର୍ଗତ ଏହି ଅଞ୍ଚଳଗୁଡ଼ିକ ଉପରେ ଏନ୍‌ଆଇଏ ଚଢ଼ାଉ କରିବା ସହ ଆତଙ୍କବାଦୀ ଗୋଷ୍ଠୀ ସହ ସଂପର୍କ ନେଇ ତଦନ୍ତ କରୁଛି ।

## ଇଣ୍ଡିଆନ୍ ବାୟୁ ସେନା

ଭାରତୀୟ ବାୟୁସେନା ଆସନ୍ତା ୬ ତାରିଖ ଓ ୮ ତାରିଖ ଦିନ ଚେନ୍ନାଇରେ ତାର ୯୨ତମ ପ୍ରତିଷ୍ଠା ଦିବସ ପାଳନ କରିବେ । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ଗ୍ରୁପ୍ କ୍ୟାପ୍‌ଟେନ୍ ସୁପାନଦୀପ ସିଂହ କହିଛନ୍ତି, ଏହି ଅବସରରେ ମାରିନାବିଚ୍‌ରେ ୧ ଘଣ୍ଟା ୫୩ ମିନିଟ୍ ଧରି

ଏୟାର୍ ଶୋ ପ୍ରଦର୍ଶିତ ହେବ । ତାମ୍ରମ୍ ଠାରେ ଥିବା ବାୟୁସେନା ଘାଟିରେ ୮ ତାରିଖ ଦିନ ମୁଖ୍ୟ ଉତ୍ସବ ପାଳନ କରାଯିବ । ଏହି ଅବସରରେ ସେଠାରେ ପରେଡ୍ ଓ ଆକାଶମାର୍ଗରେ ବିମାନ ଉଡ଼ାଣ କରାଯିବ । ଏହି ଅବସରରେ ବହୁ ସଂଖ୍ୟାରେ ପରିଦର୍ଶକମାନଙ୍କୁ ସାମିଲ କରାଯାଇ ବାୟୁସେନା ଲିମ୍କା ବୁକ୍ ଅଫ୍ ରେକର୍ଡରେ ସ୍ଥାନିତ ହେବାକୁ ଲକ୍ଷ୍ୟ ରଖିଥିବା ଶ୍ରୀ ସିଂହ କହିଛନ୍ତି । ଏୟାର୍ ଶୋ'ରେ ୧୦ରୁ ୧୨ ଲକ୍ଷ ଦର୍ଶକ ଏକତ୍ରିତ ହେବାର ଆଶା କରାଯାଉଛି ।

## ମଙ୍କିପକ୍ସ-ଡବ୍ଲୁଏଚ୍ଓ

ମଙ୍କିପକ୍ସ ସଂକ୍ରମିତଙ୍କ ପ୍ରଥମ ନିଦାନ ପରୀକ୍ଷଣକୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁମୋଦନ କରିଛି। ଡବ୍ଲୁଏଚ୍ଓ କହିଛି ଏହାଦ୍ୱାରା ସଂକ୍ରମିତ ଦେଶଗୁଡ଼ିକରେ ରୋଗ ପ୍ରତିରୋଧ କ୍ଷମତା ବୃଦ୍ଧି ପାଇବ । ଶୀଘ୍ର ଏବଂ ସଠିକ୍ ପରୀକ୍ଷଣ ତ୍ୱରାନ୍ୱିତ ହେବ ବୋଲି ଡବ୍ଲୁଏଚ୍ଓ ଆଶା କରିଛି । ଆଫ୍ରିକାରେ ଏପର୍ଯ୍ୟନ୍ତ ୮ଶହରୁ ଅଧିକ ଏମ୍-ପକ୍ସ ସଂକ୍ରମିତଙ୍କର ମୃତ୍ୟୁ ହୋଇଛି । ୩୦ ହଜାରରୁ ଅଧିକ ଲୋକ ସଂକ୍ରମିତ ହୋଇଥିବା ଜଣାପଡ଼ିଛି । ଆଫ୍ରିକୀୟ ସଂଘର ରୋଗ ନିୟନ୍ତ୍ରଣ କେନ୍ଦ୍ର ଦେଇଥିବା ସୂଚନା ଅନୁଯାୟୀ ୧୬ଟି ଦେଶରେ ଏହି ରୋଗର ଚିହ୍ନଟ କରାଯାଇଛି । କଙ୍ଗୋରେ ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର ଥିବା ସଂଘ ସୂଚନା ଦେଇଛି ।

# ୟୁଏସ୍-ୟୁକେ-ହୁତି

ୟେମେନ୍‌ର ୧ ଡର୍ଜନରୁ ଅଧିକ ହୁତି ନିୟନ୍ତ୍ରିତ ଅଞ୍ଚଳଗୁଡ଼ିକ ଉପରେ ଆମେରିକା ଏବଂ ବ୍ରିଟିଶ ସାମରିକ ବାହିନୀ ମିଳିତ ଭାବେ ଆକ୍ରମଣ କରିଛନ୍ତି । ଆମେରିକୀୟ ଅଧିକାରୀଙ୍କ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ ଇରାନ ସମର୍ଥିତ ଏହି ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ବ୍ୟବହୃତ ସାମରିକ ଘାଟି, ଅନ୍ୟାନ୍ୟ ଭିତ୍ତିଭୂମି ଏବଂ ଅସ୍ତ୍ରଶସ୍ତ୍ର ଭଣ୍ଡାରକୁ ଲକ୍ଷ୍ୟକରି ଏହି ଆକ୍ରମଣ କରାଯାଇଛି । ୨୦୧୪ ମସିହାରୁ ୟେମେନ୍‌ରେ ହୁତି ଆତଙ୍କବାଦୀ ଗୋଷ୍ଠୀ ଦ୍ୱାରା ଚାଲିଥିବା ଗୃହଯୁଦ୍ଧ ଏହି ଆକ୍ରମଣ ପରିପ୍ରେକ୍ଷୀରେ ଅଧିକ ତୀବ୍ର ହେବାର ଆଶଙ୍କା କରାଯାଉଛି । ସାମରିକ ବିମାନ ଏବଂ ନୌସେନା ଜାହାଜ ଦ୍ୱାରା ମିଳିତ ବାହିନୀ ପକ୍ଷରୁ ହୁତି ନିୟନ୍ତ୍ରିତ ଅଞ୍ଚଳର ପ୍ରମୁଖ ୫ଟି ସ୍ଥଳକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଛି । ଅନ୍ୟପକ୍ଷରେ ହୁତି ନିୟନ୍ତ୍ରିତ ଗଣମାଧ୍ୟମ ଅନୁଯାୟୀ ହଦେଇଦା ବିମାନ ବନ୍ଦର ଏବଂ କଟାୟକ୍ ଅଞ୍ଚଳରେ ୭ଟି ଆକ୍ରମଣ କରାଯାଇଥିଲା । ସେଠାରେ ହୁତି ନିୟନ୍ତ୍ରିତ ଏକ ସାମରିକ ଘାଟି ରହିଛି । ଏହା ବ୍ୟତୀତ ରାଜଧାନୀ ସାନା ର ସାୟାନ ଜିଲ୍ଲାର ବିଭିନ୍ନ ସ୍ଥାନରେ ମିଳିତ ବାହିନୀ ପକ୍ଷରୁ ୪ଟି ଆକ୍ରମଣ କରାଯାଇଥିବା ବେଳେ ୟେମେନ୍‌ର ଧାମାର ପ୍ରଦେଶର ୨ଟି ଅଞ୍ଚଳକୁ ଲକ୍ଷ୍ୟ କରି ଆକ୍ରମଣ କରାଯାଇଥିଲା ବୋଲି ହୁତି ପକ୍ଷରୁ କୁହାଯାଇଛି ।

---

# କ୍ରିକେଟ-ଓ୍ୱିମେନ୍ସ ଟି-୨୦

ଶାରଜାଠାରେ ଚାଲିଥିବା ଆଇ.ସି.ସି. ନବମ ମହିଳା ଟି-୨୦ କ୍ରିକେଟ ବିଶ୍ୱକପ୍‌ର ଆଜି ଗ୍ରୁପ୍-ଏ'ରେ ଅଷ୍ଟ୍ରେଲିଆ ଓ ଶ୍ରୀଲଙ୍କା ମଧ୍ୟରେ ମୁକାବିଲା

ହେବ। ଭାରତୀୟ ସମୟ ଅପରାହ୍ନ ୩ଟା ୩୦ ମିନିଟ୍ ସମୟରେ ଏହି ମ୍ୟାଚ୍ ଆରମ୍ଭ ହେବ । ସେହିଭଳି ଭାରତୀୟ ସମୟ ସନ୍ଧ୍ୟା ୭ଟା ୩୦ ମିନିଟ୍‌ରେ ଗ୍ରୁପ୍-ବି'ର ଏକ ମ୍ୟାଚ୍‌ରେ ଇଂଲଣ୍ଡ' ବାଂଲାଦେଶକୁ ଭେଟିବ। ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ମୁକାବିଲା ହେବ।

................................................................................